## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୨୨।୯(ସ୍ୱ.ପ୍ର.):** ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ଛେଣ୍ଡିପଦା ଥାନା ବନଦୁର୍ଗା ପୀଠ ନିକଟରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ୨ ମୋଟର ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଛେଣ୍ଡିପଦା ସେଠୀ ସାହିର ବିଜୟ କୁମାର ସେଠୀ ଓ ଦୀପକ କୁମାର ସେଠୀ। ବିଜୟ ଓ ଦୀପକ ଟେଣ୍ଟୁଲୋଇ ଗ୍ରାମରୁ କାମସାରି ଘରକୁ ଫେରୁଥିବା ବେଳେ ଛେଣ୍ଡିପଦାରୁ ଜରପଡା ଯାଉଥିବା ଏକ ଅଜଣା ଗାଡି ବନଦୁର୍ଗା ପୀଠ ନିକଟରେ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଇଥିଲା। ବିଜୟ ଓ ଦୀପକ ମୋଟରସାଇକେଲରୁ ଛିଟିକି ପଡିଥିଲେ। ଖବରପାଇ ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଛେଣ୍ଡିପଦା ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ବଜ୍ରପାତରେ ବୃଦ୍ଧ ଗୁରୁତର

**ଛେଣ୍ଡିପଦା,୨୨।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମରେ ଗୁରୁବାର ବଜ୍ରପାତ ଯୋଗୁ ବିଶ୍ୱନାଥ ଦେହୁରୀ (୬୫) ଗୁରୁତର ହୋଇଛନ୍ତି। ବିଶ୍ୱନାଥ ଅପରାହ୍ନରେ ଘର ନିକଟରେ ଗାଈ ଚରାଉଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ବିଶ୍ୱନାଥ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।

### ପ୍ରତିଯୋଗିତା ହିଁ ଆଗକୁ ବଢ଼ାଇଥାଏ

**ଆଠମଲ୍ଲିକ,୨୨।୯(ଡି.ଏନ.ଏ.):** ଆଠମଲ୍ଲିକ ଏନ୍‌ଏସି ତରଫରୁ ୩ ନମ୍ବର ୱାର୍ଡ ଟାଙ୍ଗିଆନିସା ଗ୍ରାମରେ ଗୁରୁବାର ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମରେ ଝୋଟି, ଚିତ୍ରାଙ୍କନ, ନୃତ୍ୟ ଓ ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରଅଧ୍ୟକ୍ଷା ଆଶାକୁମାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଡ଼କଥା ନୁହେଁ, ପ୍ରତିଯୋଗିତାରେ ଭାଗ ନେବା ହିଁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ପ୍ରୀତି ନାଏକ, ଏନ୍‌ଏସି କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ‘ମୀନାକ୍ଷୀ ମନ୍ଦିର’ରେ ବସିବେ ମା’



**ଆସୁଛନ୍ତି ମା’**



୨୦୧୮ରେ ନୂଆ ମଣ୍ଡପରେ ଧୁମ୍‌ଧାମରେ ହୋଇଥିଲା ପୂଜା। ହେଲେ ଏହାର ୨ ବର୍ଷ ପରେ ଆସିଥିବା ମହାମାରୀ କରୋନା ଯୋଗୁ ଆବଦ୍ଧ ମଣ୍ଡପରେ କରାଯାଇଥିଲା ମା’ଙ୍କ ଆରାଧନା। ତେବେ ଚଳିତବର୍ଷ ୫ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ରାଣୀଗୁଡ଼ା ଷ୍ଟେଶନ ବଜାର ମା’ ଦୁର୍ଗା ପୂଜା ଟ୍ରଷ୍ଟ ପୂଜାକୁ ଆଡ଼ମ୍ବରପୂର୍ଣ୍ଣ କରିବାକୁ ଚଳାଇଛି ପ୍ରସ୍ତୁତି।

**ଅନୁଗୋଳ ଅଫିସ, ୨୨।୯**

- ରାଣୀଗୁଡ଼ା ଷ୍ଟେଶନ ବଜାର ମା’ ଦୁର୍ଗା ପୂଜା ଟ୍ରଷ୍ଟର ପ୍ରସ୍ତୁତି
- ଚଳିତବର୍ଷ ୫ମ ବର୍ଷରେ ପଦାର୍ପଣ କରିବ
- ଦାଣ୍ଡିଆ ସାଙ୍ଗକୁ କଟକର ମେଲୋଡି ଭରିବ ଉତ୍ସାହ

ନୂତନ ଅନୁଷ୍ଠାନ ହୋଇଥିଲେ ବି ଏଥର ପୂଜା ହେବ ନିଆରା। ଏଥିପାଇଁ ପ୍ରସ୍ତୁତି ଚଳାଇଛି ଅନୁଗୋଳ ରାଣୀଗୁଡ଼ା ଷ୍ଟେଶନ ବଜାର ମା’ ଦୁର୍ଗା ପୂଜା ଟ୍ରଷ୍ଟ। ଚଳିତବର୍ଷ ୫ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଏହି ଟ୍ରଷ୍ଟ ପକ୍ଷରୁ ଦକ୍ଷିଣ ଭାରତର ମୀନାକ୍ଷୀ ମନ୍ଦିର ସଦୃଶ୍ୟ ତୋରଣ ନିର୍ମାଣ କରାଯାଉଛି। ଏହା ସାଙ୍ଗକୁ ଆଖି ଝଲସାଇ ଦେବାଭଳି ଏଲ୍‌ଇଡି ଲାଇଟ୍ ଲଗାଯାଉଛି। ପୂଜାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ମଧ୍ୟ ହୋଇଛି।

ଦୁର୍ଗା ପୂଜା ଆସିଲେ ରାଣୀଗୁଡ଼ାବାସୀ ସହର ମୁହାଁ ହୋଇଥାନ୍ତି। ହେଲେ ୨୦୧୮ରୁ ରାଣୀଗୁଡ଼ା ଷ୍ଟେଶନ ବଜାର ମା’ ଦୁର୍ଗା ପୂଜା ଟ୍ରଷ୍ଟ ପକ୍ଷରୁ ଧୁମ୍‌ଧାମରେ ପୂଜା ପାଳନ କରାଯାଉଥିବାରୁ ଅଞ୍ଚଳବାସୀ ଏହାକୁ ଭରପୂର ଉପଭୋଗ କରୁଛନ୍ତି। ଗତ ୨ ବର୍ଷର ପୂଜା କରୋନା ପାଇଁ ମାଡ଼ ଖାଇଯାଇଥିବାରୁ ଏଥର ଏହାକୁ ଅତି ଆଡ଼ମ୍ବରରେ କରିବାକୁ ଯୋଜନା କରାଯାଇଛି। ମୀନାକ୍ଷୀ ମନ୍ଦିର ସଦୃଶ ତୋରଣ ସାଙ୍ଗକୁ ଝିଲିମିଲ ଏଲଇଡି ଆଲୋକ ଖଞ୍ଜାଯାଉଛି। ମଣ୍ଡପର ଆକର୍ଷଣ ଯେପରି ଦର୍ଶକଙ୍କ ମନଛୁଇଁ ପାରିବ ସେଥିପାଇଁ ସଜସଜ୍ଜା ସାଙ୍ଗକୁ ଆଲୋକୀକରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ଇତିମଧ୍ୟରେ ମୂର୍ତ୍ତି ନିର୍ମାଣ ୮୦ ଭାଗ ଶେଷ ହୋଇସାରିଛି। ପୁରୀରୁ ପଣ୍ଡିତଙ୍କୁ ଡକାଯାଇ ଏଠାରେ ପୂଜା କରାଯିବ। ଷଷ୍ଠୀ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ସହ ସପ୍ତମୀରେ ସ୍ଥାନୀୟ ଶିଶୁଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ଅଷ୍ଟମୀରେ ଶିଶୁ କଳାକାରଙ୍କୁ ନେଇ ପ୍ରତିଯୋଗିତା ଆୟୋଜିତ ହେବ। ମହିଳାମାନଙ୍କ ମଧ୍ୟରେ ମଧ୍ୟ ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯିବ। ନବମୀରେ ଦାଣ୍ଡିଆ ନୃତ୍ୟ ପରିବେଷଣ ଓ ଦଶମୀରେ କଟକର ଏକ ଅନୁଷ୍ଠାନ ଦ୍ୱାରା ମେଲୋଡି ପରିବେଷଣ କରାଯିବ। ତେବେ ଭସାଣିକୁ ଅଧିକ ଆକର୍ଷଣୀୟ କରିବାକୁ ଆତସବାଜୀ ସହ ପୁରୀର ନାଗା ନାଚକୁ ପ୍ରଥମ କରି ଏଥରେ ସାମିଲ କରାଯିବାର ଯୋଜନା ରଖାଯାଇଛି। ସେହିପରି ଭାଙ୍ଗଡ଼ା, ସିଂହ ବାଜା, ଘଣ୍ଟୁଆ, ଲଉଡ଼ି ଆଦିକୁ ଦର୍ଶକମାନେ ଭସାଣିରେ ଦେଖିବାର ସୁଯୋଗ ପାଇପାରିବେ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

**ଅଞ୍ଚଳବାସୀ କରୁଛନ୍ତି ତଦାରଖ**



ଚଳିତବର୍ଷ ରାଣୀଗୁଡ଼ାରେ ଦୁର୍ଗାପୂଜା କେମିତି ଧୁମ୍‌ଧାମରେ ପାଳନ କରାଯିବ ସେଥିପାଇଁ ଅଞ୍ଚଳବାସୀ ଲାଗିପଡ଼ିଛନ୍ତି। ଯୁବଗୋଷ୍ଠୀଠାରୁ ଆରମ୍ଭ କରି ବୟସ୍କଙ୍କ ଯାଏ ସମସ୍ତେ ଏଥିରେ ସାମିଲ ସହ ତଦାରଖ କରୁଛନ୍ତି।

-ନିଲୁ ସାହୁ, ସଭାପତି

**ଧୁମ୍‌ଧାମରେ ପୂଜା ହେବ**



କରୋନା ମହାମାରୀ ସମୟରେ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଆବଦ୍ଧ ମଣ୍ଡପରେ ପୂଜା ପାଳନ କରାଯାଇଥିଲା। ଚଳିତବର୍ଷ କଟକଣା ହଟିଯାଇଥିବାରୁ ଧୁମ୍‌ଧାମ୍‌ରେ ପୂଜା ପାଳନ କରିବୁ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ।

-ତ୍ରିପୁର ବିଶ୍ୱାଳ, ସମ୍ପାଦକ

**ମେଲାଣି ସମୟରେ ଦୁଃଖ ଲାଗେ**



ଅଞ୍ଚଳର ବରିଷ୍ଠ ସଦସ୍ୟ ହୋଇଥିବାରୁ ମା’ଙ୍କ ପୂଜାରେ କର୍ମ କରିବାର ସୁଯୋଗ ମିଳିଥାଏ। ଏପରି କି ପୁରୋହିତଙ୍କ ମନ୍ତ୍ର ଉଚାରଣ ବେଳେ ଦେହରେ ଶିହରଣ ଖେଳିଯାଏ। କିନ୍ତୁ ଶେଷରେ ଭସାଣି ଦିନ ମା’ଙ୍କୁ ମେଲାଣି ଦେବା ସମୟରେ ଦୁଃଖ ଲାଗିଥାଏ।

-ଶଙ୍କର ପରିଡ଼ା, ବରିଷ୍ଠ ସଦସ୍ୟ

**ନିଆରା କରିଥାଏ ଆତସବାଜି**



ପୂଜା ସମସ୍ତଙ୍କୁ ଏକାଠି ହେବାର ଏକ ସୁଯୋଗ ଆଣିଦିଏ। ନୂଆ ଅନୁଷ୍ଠାନ ହୋଇଥିଲେ ମଧ ଆଡ଼ମ୍ବରରେ ମା’ଙ୍କ ପୂଜା ପାଳନ କରାଯିବ। ଏଥିପାଇଁ ସମସ୍ତଙ୍କ ମନରେ ଉତ୍ସାହ ରହିଛି। ରାଣୀଗୁଡ଼ାର ଆତସବାଜି ଏକ ନିଆରା ପରିଚୟ ଦେଇଛି।

-କୁନା ସାହୁ, ବରିଷ୍ଠ ସଦସ୍ୟ

## ପରିବେଶ ସଂକ୍ରାନ୍ତୀୟ ଜନଶୁଣାଣି

**ଆଠମଲ୍ଲିକ/ ମାଧପୁର, ୨୨।୯ (ଡି.ଏନ.ଏ.)**

ଆଠମଲ୍ଲିକ ତହସିଲ କୁଦଗାଁ ପଞ୍ଚାୟତ ନୀଳକଣ୍ଠପଡ଼ା ଗ୍ରାମରେ ଗୁରୁବାର ନୂଆ ବାଲି ସଇରାତ ଉତ୍ସ ପାଇଁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତରଣୀ ସୁନା, ଅନୁଗୋଳ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକ ଓ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଠମଲ୍ଲିକ ଥାନା ଆଇଆଇସି ନିରୋଜକାନ୍ତ ଦାସ, ସ୍ଥାନୀୟ ପୁରୁଣାମାଣତ୍ରି ରାଜସ୍ୱ ନିରୀକ୍ଷକ ଉଦୟ ଚନ୍ଦ୍ର ନାୟକ, କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନୂତନ ମହାନଦୀ ବାଲି ସଇରାତ ପାଇଁ ଲୋକମାନଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଉପଜିଲାପାଳ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅନୁଗୋଳ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମଲ୍ଲିକ ଉପସ୍ଥିତ ଗ୍ରାମବାସୀଙ୍କୁ ନୀଳକଣ୍ଠପଡ଼ା ବାଲି ସଇରାତ ଉତ୍ସ ସମ୍ପର୍କରେ ଅବଗତ କରିବା ସହ ମତାମତ ଲୋଡ଼ିଥିଲେ। ନୀଳକଣ୍ଠପଡ଼ା ବାଲି ସଇରାତ ଉତ୍ସ ସମୁଦାୟ ୨୧.୯୩୪ ହେକ୍ଟର ପାଇଁ ଏହି ଜନଶୁଣାଣି କରାଯାଇଥିଲା। ତେବେ ଗ୍ରାମର ବହୁ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗର ଭିଡିଓ ରେକର୍ଡ କରାଯାଇ ଭାରତୀୟ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମଞ୍ଜୁରୀ ପାଇଁ ପଠାଇବା ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ତହସିଲଦାର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ବଇଣ୍ଡାରେ ବିଶ୍ୱକର୍ମାଙ୍କୁ ବିଦାୟ



ବିସର୍ଜନ ପାଇଁ ଶୋଭାଯାତ୍ରାରେ ମେଢ଼ ନିଆଯାଉଛି।

**ବଇଣ୍ଡା,୨୨।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ହୋଇଥିବା ବିଶ୍ୱକର୍ମା ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକ ସୁସଜ୍ଜିତ ଟ୍ରାକ୍ଟର ଯୋଗେ ମେଢ଼ ନିଆଯାଇଥିବା ବେଳେ ବାଜା, ବାଣ, ଡିଜେ ସାଉଣ୍ଡ ସହ ନୃତ୍ୟ ତାଳେ ତାଳେ ନଗର ପରିକ୍ରମା କରାଯିବା ପରେ ସ୍ଥାନୀୟ ପୋଖରୀରେ ବିସର୍ଜନ କରାଯାଇଥିଲା। କନିଷ୍ଠଯନ୍ତ୍ରୀ ହିମାଂଶୁ ମାହାଳିକ, ସୁନୀଲ ପ୍ରଧାନ, ରୂପେଶ ପ୍ରଧାନ, ପ୍ରମୋଦ ପ୍ରଧାନ, ପ୍ରଭାକର ସାହୁ, ଅନିଲ ବେହେରା, ବିପିନି ପରିଡା, ସୁବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଗଣ୍ଡଗୋଳ ଅଭିଯୋଗରେ ୧୦ ଗିରଫ

**ଅନୁଗୋଳ ଅଫିସ, ୨୨।୯**

ଅନୁଗୋଳ ସଦର ଥାନା ଶାବଳଭଙ୍ଗା ଅଞ୍ଚଳରେ ବିଶ୍ୱକର୍ମା ମେଢ଼ ଭସାଣି ଉତ୍ସବରେ ଗଣ୍ଡଗୋଳ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବିଧିର ନାଏକ, ବିନୋଦ ନାଏକ, ଆନନ୍ଦ ନାଏକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ବିଧିରଙ୍କ ମା’ ଝଟକ ନାଏକ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୭୫୨/୨୨ରେ ମାମଲା ରୁଜୁ କରି ଜଣେ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଶାବଳଭଙ୍ଗାର ମନୋଜ ଦଳବେହେରା, ଅନନ୍ତ ଦଳବେହେରା, ସୁମନ୍ତ ଦଳବେହେରା, ସୁନୀଲ ଦେହୁରୀ, ଅଜିତ ଦେହୁରୀ, ଅର୍ଜୁନ ଦେହୁରୀ, ସୁଜନ ଦଳବେହେରା, ସିଲୁ ଦଳବେହେରା, ବିଶ୍ୱଜିତ ଦଳ ବେହେରାଙ୍କ ସହ ଜଣେ ନାବାଳକ।

## ବହୁମୁଖୀ ଶୃଙ୍ଖଳା ଟିମ୍‌ର ଯାଞ୍ଚ

**ଖମାର, ୨୨।୯ (ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଗୁରୁବାର ବହୁମୁଖୀ ଶୃଙ୍ଖଳା ଟିମ୍ ପକ୍ଷରୁ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି। ୨ଟି ବିଦେଶୀ ମଦ ଦୋକାନ, ଗୋଟିଏ ପାଥୋଲାବ, ଏକ ହୋଟେଲ, ବିଶୁଦ୍ଧ ପାଣି ବ୍ୟବସାୟ ଫ୍ୟାକ୍ଟ୍ରିରେ ଏହି ଯାଞ୍ଚ କରାଯାଇଥିଲା। ସେହିପରି ଏକ ହୋଟେଲ ଫ୍ରିଜ ଭିତରେ ବାସି ଆମିଷ ଖାଦ୍ୟ ଥିବାରୁ ହୋଟେଲକୁ ୫ ହଜାର ଟଙ୍କା ଜରିମାନା କରାଯାଇଥିଲା। ବିଶୁଦ୍ଧ ପାଣି ଫ୍ୟାକ୍ଟ୍ରିରେ ମାଲିକ ଓ କର୍ମଚାରୀ ଉପସ୍ଥିତ ନ ଥିବାରୁ ୨ ଦିନ ଭିତରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ ସ୍ଥାନୀୟ ପୋଲିସକୁ ଦାୟିତ୍ୱ ଦିଆଯାଇଥିଲା। ଏକ ବିଦେଶୀ ମଦ ଦୋକାନ ବାହାରେ ରେଟ୍ ଚାର୍ଟ ମାରିବା ସହିତ ଅନ୍ୟ ସବୁ ନିୟମ ମାନିବାକୁ ପୂର୍ବରୁ ତାଗିଦ୍ କରାଯାଇଥିଲେ ମଧ୍ୟ ଉକ୍ତ ଦୋକାନ ମାଲିକ କୌଣସି ନିୟମ ମାନୁ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି ଖମାରରେ ଥିବା ଏକ ବିଦେଶୀ ମଦ ଦୋକାନ ଯାଞ୍ଚରୁ ବାଦ୍ ପଡ଼ିଥିବାରୁ ଏହାକୁ ନେଇ ଆଲୋଚନା ଜୋର ଧରିଥିଲା। ଏ ସଂକ୍ରାନ୍ତରେ ପାଲଲହଡ଼ା ତହସିଲଦାର ଲମ୍ବୋଦର ମାରାଣ୍ଡି କହିଛନ୍ତି, ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଆଗାମୀ ଦିନରେ ଯାଞ୍ଚ କରାଯିବ। ଏହି ଶୃଙ୍ଖଳା ଟିମ୍‌ରେ ତହସିଲଦାରଙ୍କ ସହ ଅବକାରୀ ଇନ୍ସପେକ୍ଟର ବିପିନ ସାହୁ, କୁଞ୍ଜାମ ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ନାୟକ, ସାଧାରଣ ବଣ୍ଟନ ଅଧିକାରୀ ପିଣ୍ଟୁ ବେହେରା, ଖମାର ମେଡିକାଲର ଡାକ୍ତର ଅଭିଷେକ ସାହୁ ଓ ଖମାର ପୋଲିସ ସାମିଲ ଥିଲେ।



ବହୁମୁଖୀ ଶୃଙ୍ଖଳା ଟିମ୍ ପକ୍ଷରୁ ଯାଞ୍ଚ କରାଯାଉଛି।

## ଇଣ୍ଟରସିଟି ଏକ୍ସପ୍ରେସ୍ ରହଣି ଦାବି

**ବଇଣ୍ଡା,୨୨।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି କରୁନାହିଁ। ଫଳରେ ଏହି ଟ୍ରେନ୍ ଉପରେ ନିର୍ଭର କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପୂର୍ବରୁ ଷ୍ଟେଶନରେ ଏହି ଟ୍ରେନ ରହୁଥିବାବେଳେ ଏବେ ରହଣି କରୁନାହିଁ। ଏ ନେଇ ଗୁରୁବାର କିଶୋରନଗର ଜୀବନଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ସମ୍ବଲପୁର ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାମୁର ଷ୍ଟେଶନ ମାଷ୍ଟରଙ୍କୁ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି, କରୋନା ପୂର୍ବରୁ ଏହି ଷ୍ଟେଶନରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି କରୁଥିଲା। ହେଲେ କରୋନା ସମୟରେ ଏହି ଷ୍ଟପେଜକୁ ଉଠାଇ ଦିଆଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଷ୍ଟେଶନ ଉପରେ ୧୦ଟି ପଞ୍ଚାୟତବାସୀ ନିର୍ଭର କରୁଥିବାବେଳେ ଇଣ୍ଟରସିଟି ଏକ୍ସପ୍ରେସ୍ ରହୁ ନ ଥିବା ଯୋଗୁ ଯାତ୍ରୀମାନେ ୩୫ କି.ମି. ଦୂର ବଇଣ୍ଡା କିମ୍ବା ୨୫ କି.ମି. ଦୂର ରେଢ଼ାଖୋଲ ଷ୍ଟେଶନ ଉପରେ ନିର୍ଭର କରୁଛନ୍ତି। ତୁରନ୍ତ ଏହି ଷ୍ଟେଶନରେ ଇଣ୍ଟରସିଟି ରହଣି କରିବା ସହ ୪ଟି ଦଫା ପୂରଣ କରିବା ପାଇଁ କମିଟି ସମ୍ପାଦକ ରମଣି ରଞ୍ଜନ ପ୍ରଧାନ, ପୀତବାସ ପ୍ରଧାନ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ଲକ୍ଷ୍ମଣ ବେହେରା, ବସନ୍ତ ସାହୁ, ରମେଶ ଲୁହା ପ୍ରମୁଖ ଦାବି କରିଛନ୍ତି।



କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବଢୁଛି ଛେଳି ଚୋରି

**ଅନୁଗୋଳ ଅଫିସ, ୨୨।୯**

ଅନୁଗୋଳ ଥାନା ରାଣୀଗୁଡ଼ା ଅଞ୍ଚଳରେ ବଢ଼ୁଛି ଛେଳି ଚୋରି। ଗତ ୧୫ ଦିନରେ ୫ ଛେଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହାଛଡ଼ା ଏକୁଟିଆ ଥିବା ଦୋକାନୀଙ୍କୁ ଆକ୍ରମଣ କରି ଟଙ୍କା ନେଇ ଚମ୍ପଟ ମାରୁଛନ୍ତି ଦୁର୍ବୃତ୍ତ। ଗତ ବୁଧବାର ବିଳମ୍ବିତ ରାତିରେ ଜଣଙ୍କ ଘରୁ ୩ଟି ଛେଳି ଚୋରି ହୋଇଛି। ସେହିପରି ଗତ ୫ ଦିନ ତଳେ କବାଟ ତାଡ଼ି ୨ଟି ଛେଳି ଚୋରି କରାଯାଇଛି। ଶିକ୍ଷକପଡ଼ା ସାଇ ମନ୍ଦିର ନିକଟରେ ଜଣେ ବୃଦ୍ଧଙ୍କୁ ପଥରରେ ଛେଚି ଟଙ୍କା ଲୁଟି ନିଆଯାଇଛି। ଏ ନେଇ ମାମଲା ହେଉଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତମାନଙ୍କ ସନ୍ଧାନ ପାଇପାରି ନାହିଁ।

## ଏମ୍‌ସିଏଲ୍ କର୍ମଚାରୀ ହରାଇଲେ ୨ ଲକ୍ଷ

**ଅନୁଗୋଳରେ ସାଇବର ଠକେଇ**

**ଅନୁଗୋଳ ଅଫିସ, ୨୨।୯**

ଅନୁଗୋଳ ଜିଲା ଏମ୍‌ସିଏଲ୍‌ର ଜଣେ କର୍ମଚାରୀ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ୯୮ ହଜାର ଟଙ୍କା ଉଠାଇ ନେଇଛନ୍ତି। ଏ ନେଇ ସେ ଅନୁଗୋଳ ସାଇବର ଥାନାରେ ଅଭିଯୋଗ କରିବା ପରେ ନଂ. ୨୭/୨୨ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ମାନସ ମହାକୁଲ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏମ୍‌ସିଏଲ୍‌ରେ କାର୍ଯ୍ୟ କରୁଥିବା ସୁନୀଲ ବିଶ୍ୱାଳଙ୍କ ଝିଅାରି ଦେହ ଖରାପ ଥିଲା। ଏ ନେଇ ସେ କୋଲକତାର ଏକ ମେଡିକାଲର ନମ୍ବର ଗୁଗୁଲରେ ସର୍ଚ୍ଚ କରିଥିଲେ। ଏହି ସମୟରେ ସାଇବର ଠକ ସୁନୀଲଙ୍କୁ ଯୋଗାଯୋଗ କରି ମେଡିକାଲରେ ଚିକିତ୍ସା ପାଇଁ ଏକ ଆପ୍ ଡାଉନଲୋଡ଼ କରିବାକୁ କହିଥିଲେ। ସୁନୀଲ ଉକ୍ତ ପରାମର୍ଶ ମାନିବା ପରେ ମୋଟ ୬ଟି ପର୍ଯ୍ୟାୟରେ ଠକ ଜଣଙ୍କ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୯୮ ହଜାର ଠକି ନେଇଥିଲେ। ଏହା ଜାଣିବା ପରେ ସୁନୀଲ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମହିଳା ମୋର୍ଚ୍ଚା ଜିଲା ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

**ଅନୁଗୋଳ ଅଫିସ, ୨୨।୯**

ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା ଭାଜପା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ ଭାବେ ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ ଦାୟିତ୍ୱ ନେଇଥିବା ବରିଷ୍ଠ ନେତା ଦିଲୀପ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଆଗାମୀ ୨୯ ତାରିଖରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ ଓ ରୋଜାଲିନ ଦାସ, ଜିଲା ଉପସଭାନେତ୍ରୀ ସୁଜାତା ଦାସ, ଜିଲା ସମ୍ପାଦିକା ନମିତା ଦଳ ବେହେରା, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଶୋଭାଗିନୀ ପ୍ରଧାନ ଓ ସରିତା ମିଶ୍ର, ମହିଳା ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦିକା ଶୁଚିସ୍ମିତା ତ୍ରିପାଠୀ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ସଂଯୁକ୍ତା ମହାରଣା ଓ ସୀତାରାଣୀ ନାଥ, କାଉନସିଲର ପ୍ରଜ୍ଞା ଦାସ ଓ ସ୍ନେହଲତା ମହାରଣାଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ।



ବୈଠକରେ ଜିଲା ଭାଜପା ମହିଳା ମୋର୍ଚ୍ଚା ପ୍ରଭାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସାମର୍ଥ୍ୟ ଶିବିରରେ ୩୧୪ ଆବେଦନ

**ଛେଣ୍ଡିପଦା,୨୨।୯ (ସ୍ୱ.ପ୍ର.)**

ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ବିଡିଓ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୩୧୪ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଜ୍ଞାନ ରଞ୍ଜନ ବିଶ୍ୱାଳ, ଇଏନ୍‌ଟି ବିଭାଗ ଡାକ୍ତର ପ୍ରସନ୍ନ କୁମାର ମହାନ୍ତି, ଶିଶୁ ବିଭାଗ ଡାକ୍ତର କଳ୍ପନା ଜେନା, ଭେଷଜ ଓ ମାନସିକ ଅନଗ୍ରସର ବିଭାଗ ଡାକ୍ତର ଦୀପକ କୁମାର ଗଡନାୟକ, ଚକ୍ଷୁ ବିଭାଗ ଡାକ୍ତର ନୀଳମାଧବ ପ୍ରଧାନ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚିରୋଲିମା ପ୍ରିୟଦର୍ଶିନୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶାନ୍ତନୁ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ଓ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସ୍କାଉଟ୍ସ ଓ ରେଡକ୍ରସ୍‌ର ଛାତ୍ରୀଛାତ୍ରଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ୫୬୭ ଲିଟର ମଦ ଜବତ, ୩ ଗିରଫ

**ଢେଙ୍କାନାଳ ଅଫିସ, ୨୨।୯:** ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୬୭ ଲିଟର ଦେଶୀ ମଦ, ୪,୮୦୦ ଲିଟର ମହୁଲ ପୋଚ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ତେନ୍ତୁଳିପାଟଣା ଗ୍ରାମର ରୋହିତ ନାୟକ, ବାରୁଆଁ (ବି) ଗ୍ରାମର ଅନ୍ତର୍ଯ୍ୟାମୀ ପାତ୍ର, ଡେଙ୍ଗବାହାଲି ଗ୍ରାମର କରୁଣାକର ସାହୁ। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ସଦଳବଳ ଏହି ଚଢ଼ାଉ କରିଥିଲେ।

### ଚରିତ୍ର ଗଠନ ଉପରେ ଗୁରୁତ୍ୱ



**ଢେଙ୍କାନାଳ ଅଫିସ୍, ୨୨।୯** ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆସ୍ଥିତ ପଞ୍ଚାୟତ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା କବିତା ମହାନ୍ତି ଅଧକ୍ଷତା କରି ପାଠ ପଢ଼ିବା ସହିତ ନୈତିକ ଶିକ୍ଷା ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବହୁ ଅଭିଭାବକ ଉପସ୍ଥିତ ଥିବାବେଳେ ଇଂଲିଶ ଅଧାପକ ବନୋଜ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଘର ସମ୍ମୁଖରୁ ଗାଡ଼ି ଚୋରି ଅଭିଯୋଗ

**ଅନୁଗୋଳ ଅଫିସ, ୨୨।୯:** ଅନୁଗୋଳ ଜିଲା ନାଲ୍କୋ ଥାନା ଗିରାଙ୍ଗ ଅଞ୍ଚଳରୁ ଏକ ମୋଟରସାଇକେଲ ଚୋରି ହୋଇଛି। ଏ ନେଇ ନାଲ୍କୋ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ନଂ. ୨୦୧/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଶିଶିର କୁମାର ଗଡ଼ନାୟକ ତାଙ୍କ ଘର ଆଗରେ ଗାଡ଼ି (ନଂ. ଓଡି-୧୯-ଏଫ-୩୯୮୮) ରଖିଥିଲେ। ହେଲେ ୧୦ ମିନିଟ୍ ପରେ ଆସି ଦେଖିବାବେଳକୁ ଗାଡ଼ି ସେଠାରେ ନ ଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି ବଢ଼ିବାରେ ଲାଗିଛି। ଏଥିରେ ବିଧିବଦ୍ଧ ଭାବେ ଏକ ର୍ୟାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ପୋଲିସ ଅଭିଯୁକ୍ତଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଆଡ଼ମ୍ବର ଆବାହନ, ନିରାଡ଼ମ୍ବର ବିସର୍ଜନ

**ଭୁବନ, ୨୨।୯(ଡି.ଏନ.ଏ.)**

- ୨୦ ବର୍ଷରେ ବାଜିଛକ ଦୁର୍ଗାପୂଜା
- ଷଷ୍ଠୀରୁ ସାମୂହିକ ପ୍ରସାଦସେବନ

ମଣ୍ଡପରେ ବିରାଜିବେ ମହାମାୟା। ଦୁଇବର୍ଷ ପରେ ଚମକିବ ସହର ପରିବେଶ। ବୀରଦର୍ପରେ ଗାଁଦାଣ୍ଡରେ ବୁଲିବେ ସୁସଜ୍ଜିତ ବଳଦ। ପୁନର୍ଜୀବିତ ହେବ ମଣିଷ-ଭାରବାହୀ ପ୍ରାଣୀଙ୍କ ମଧ୍ୟରେ ବର୍ଷ ବର୍ଷ ଧରି ରହି ଆସିଥିବା ପୁରୁଣା ପରମ୍ପରା। ଏହାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଏସିଆ ମହାଦେଶର ସର୍ବବୃହତ୍ ଗ୍ରାମ ଭୁବନ। ବିଭିନ୍ନ ମଣ୍ଡପରେ ପ୍ରସ୍ତୁତି ଜୋର୍‌ସୋର୍‌ରେ ଆଗେଇ ଚାଲିଥିବାବେଳେ ଏଥିରେ ସାମିଲ ହୋଇଛି ବାଜିଛକ ପୂଜା ପ୍ରତିଷ୍ଠାନ। ପ୍ରତିଯୋଗିତାମୂଳକ ଏହି ମହୋତ୍ସବରେ ବଜେଟ ଅଧିକ ନ ଥିଲେ ବି ମା'ଙ୍କ ଆବାହନରେ କୌଣସି ଊଣା ରହିବ ନାହିଁ। ତେବେ ମା'ଙ୍କ ମେଲାଣି ଅତି ନିରାଡ଼ମ୍ବରରେ ସମ୍ପନ୍ନ କରିବାକୁ ନିଷ୍ପତ୍ତି ହୋଇଛି।

ଦୀର୍ଘବର୍ଷ ଧରି ବଳଦଯାତ୍ରାରେ ଆୟୋଜନ କରୁଥିବା ବାଜି ଛକ ୨୦୦୨ରୁ ସାମିଲ ହୋଇଛି ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବରେ। ବଳଦଯାତ୍ରାରେ ହେଉଥିବା ବିଶୃଙ୍ଖଳା ଏବଂ ମାତ୍ରାଧିକ ଖର୍ଚ୍ଚ ପାଇଁ ଏଥିରୁ ନିଜକୁ ଦୂରେଇ ମା' ଦଶଭୁଜାଙ୍କ ପୂଜା କରିବାକୁ ମନ ବଳାଇଥିଲେ ପ୍ରତିଷ୍ଠାନର କର୍ମକର୍ତ୍ତା। ଏଥିପାଇଁ କମ୍ ପରିଶ୍ରମିକ କରିବାକୁ ପଡ଼ିନି। ପୂଜା ଆରମ୍ଭ ହେବାର ୫ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ୯୦ଜଣ ସଦସ୍ୟ ଦୈନିକ କିଛି କିଛି ଟଙ୍କା ସଞ୍ଚୟ କରି ୫ ଲକ୍ଷ ଟଙ୍କାର ପାଣ୍ଠି ସୃଷ୍ଟି କଲେ। ଏହି ଟଙ୍କାକୁ ସୁଧରେ ଲଗାଇ ପୂଜା ଆୟୋଜନ କରାଯାଉଛି। ପ୍ରଥମ ବର୍ଷ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏବେ ବଜେଟ୍ ପାଖାପାଖି ୨ଲକ୍ଷ ଟଙ୍କାରେ ପହଞ୍ଚିଛି।





**ପୂଜା ପାଇଁ ଭାଇଚାରା ବଢ଼ିଛି**

ଦୁର୍ଗାପୂଜା ଅଞ୍ଚଳବାସୀଙ୍କୁ ଏକାଠି କରିପାରିଛି। ଅଞ୍ଚଳରେ ଭାଇଚାରା, ଆଧାତ୍ମିକ ଚେତନା ବଢ଼ିଛି। ସମସ୍ତଙ୍କ ସହଯୋଗରେ ପୂଜା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।

-ମନମୋହନ ବେହେରା, ପୂଜା କମିଟି ସଭାପତି



**ସମସ୍ତଙ୍କ ସହଯୋଗରେ ଯାତ୍ରା ହେବ**

ପାରମ୍ପରିକ ବଳଦ ଯାତ୍ରାରେ ବ୍ୟାପକ ବିଶୃଙ୍ଖଳା ହେବାରୁ ୨୦ବର୍ଷ ତଳେ ଦୁର୍ଗା ପୂଜା ଆରମ୍ଭ କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ମା'ଙ୍କ ଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ।

-ଜୟକୃଷ୍ଣ ବେହେରା, ସମ୍ପାଦକ

ମା' ଦୁର୍ଗତିନାଶିନୀଙ୍କ ମୂର୍ତ୍ତି ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ କେବଳ ରଙ୍ଗ କାମ ବାକି ଅଛି। ଯାଜପୁର ଜିଲା ଢୋଲପଥର ଅଞ୍ଚଳର କାରିଗର ରଞ୍ଜନ କୁମାର ମଲ୍ଲିକ ୯ ବର୍ଷ ହେଲା ମା'ଙ୍କ ପ୍ରତିମା ନିର୍ମାଣ କରୁଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳର କାରିଗରଙ୍କୁ ନେଇ ଉଜ୍ଜ୍ୱଳ ଆଲୋକମାଳ ବ୍ୟବସ୍ଥା କରାଯିବ। ଷଷ୍ଠୀରୁ ଦଶହରା ପର୍ଯ୍ୟନ୍ତ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ। ଏଥିରେ ଶ୍ରଦ୍ଧାଳୁ ଏବଂ ସାହିବାସୀ ସାମିଲ ହେବେ। ଚଳିତ ବର୍ଷ ପ୍ରଶାସନ ଏବଂ ଶାନ୍ତି କମିଟି ପକ୍ଷରୁ ପୂଜା ନିୟମ କଡ଼ାକଡ଼ି କରାଯାଇଥିବାବେଳେ ଏଥିରେ ଆବଶ୍ୟକ ସମସ୍ତ ସହଯୋଗ କରାଯିବ ବୋଲି ପୂଜା ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ରାସ୍ତାକୁ ଓହ୍ଲାଇଲେ ଉତ୍ତ୍ୟକ୍ତ କୁକୁଡ଼ା ଚାଷୀ

**ସାତମାଇଲ, ୨୨।୯(ଡି.ଏନ୍.ଏ)**

ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲାର କୁକୁଡ଼ା ଚାଷୀ। ଗୁରୁବାର ଅପରାହ୍ଣ ପ୍ରାୟ ୪ଟାରେ ହିନ୍ଦୋଳ ରୋଡ୍ ଫାଣ୍ଡି ସମ୍ମୁଖରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

ଅଭିଯୋଗ ଅନୁଯାୟୀ, ଚିଆଁ ଉତ୍ପାଦନ କରୁଥିବା କମ୍ପାନୀର ଚାଷୀମାରଣ ନୀତି ପ୍ରତିବାଦରେ ରାଜ୍ୟର କୁକୁଡ଼ା ଚାଷୀ ଆନ୍ଦୋଳନ ଜାରି ରଖିଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କୌଣସି କମ୍ପାନୀଠାରୁ ଚିଆଁ କିମ୍ବା ଦାନା କିଣିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହାପରେ ଅଧିକାଂଶ କମ୍ପାନୀ ସେମାନଙ୍କ ଉତ୍ପାଦନ ବନ୍ଦ କରିଦେଇଛନ୍ତି। ତେବେ ଏକ ଖ୍ୟାତନାମା କମ୍ପାନୀ ଲୁଚାଛପାରେ ଚିଆଁ ଉତ୍ପାଦନ କରି ଯୋଗାଣ କରୁଛି। ଏହା ଜଣାପଡ଼ିବା ପରେ ଅଞ୍ଚଳର କୁକୁଡ଼ା ଚାଷୀ ସଜାଗ ରହିଥିଲେ। ବୁଧବାର ରାତିରେ ୪ ପିକ୍‌ଅପ୍ ଭ୍ୟାନ୍‌ରେ ଚିଆଁ ବୋଝେଇ କରି ଅନୁଗୋଳ ନିଆଯାଉଥିବାବେଳେ ଗୁଣଦେଇ ନିକଟରେ ଗାଡ଼ିଗୁଡ଼ିକୁ ସେମାନେ ଅଟକ ରଖିଥିଲେ। ହିନ୍ଦୋଳ ରୋଡ୍ ପୋଲିସ ପହଞ୍ଚି ବିଶ୍ୱଜିତ କରଣ, ସୁବ୍ରତ ଲେଙ୍କା ନାମକ ଦୁଇଜଣ କୁକୁଡ଼ା ଚାଷୀଙ୍କୁ ଉଠାଇ ନେଇଥିଲା। ଏହାପରେ ଅନ୍ୟ ଚାଷୀମାନେ ଫାଣ୍ଡିଅଧିକାରୀଙ୍କୁ ଏହାର କାରଣ ଜାଣିବାକୁ ଚାହିଁଥିଲେ, ଯାହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଫାଣ୍ଡି ଅଧିକାରୀ ଦୁର୍ବ୍ୟବହାର କରିଥିବା ସେମାନେ ଅଭିଯୋଗ କରିବା ସହ ହିନ୍ଦୋଳ ରୋଡ୍ ଫାଣ୍ଡି ସମ୍ମୁଖ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ସଂଘ ସଭାପତି ସୁନୀଲ ବେହେରା, ସଂଯୋଜକ ଦେବୀପ୍ରସାଦ ଦାସଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

ଅତିରିକ୍ତ ତହସିଲଦାର ସୁମନ୍ତ ବେହେରା ପହଞ୍ଚି ଉତ୍ତ୍ୟକ୍ତ କୁକୁଡ଼ା ଚାଷୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ବିକାଶ ବେହେରା କୁହନ୍ତି, ଗିରଫ କରାଯାଇଥିବା ୨ ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଛି।



କୁକୁଡ଼ା ଚାଷୀମାନେ ରାସ୍ତା ଅବରୋଧ କରିଥିବାବେଳେ ଉତ୍ତେଜନା ସୃଷ୍ଟି ହୋଇଛି।

**ପୋଲିସ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ**

# ଶୃଙ୍ଖଳିତ ହୁଅ, ସମ୍ମାନ ବଢ଼ାଅ

**ଭୁବନ, ୨୨।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ଗୁରୁବାର ଯୁକ୍ତ ୨ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଯୁକ୍ତ ୨ କଲେଜ ଅଧକ୍ଷ ହିମାଂଶୁ ଶେଖର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଯୁକ୍ତ ୩ କଲେଜ ଅଧକ୍ଷ ଅଜିତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ହୋଇ ଶିକ୍ଷାନୁଷ୍ଠାନର ସମ୍ମାନ ବଢ଼ାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସ୍କୁଲର ବାତାବରଣ, ପାଠପଢ଼ାଠାରୁ କଲେଜ କ୍ୟାମ୍ପସ ଭିନ୍ନ। ଏଥିରେ ଖାପଖୁଆଇ ଚଳିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ, ପ୍ରଭାତ କୁମାର ଜେନା, ଶିକ୍ଷା ବିଭାଗ ବରିଷ୍ଠ ଅଧ୍ୟାପକ ଅଲେଖ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତର୍କଶାସ୍ତ୍ର ବିଭାଗର ବରିଷ୍ଠ ଅଧ୍ୟାପିକା ଡ. ଶ୍ରାବଣୀ ଅଲ୍ପନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଲେଜର ସମସ୍ତ ବରିଷ୍ଠ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



ବରିଷ୍ଠ ଛାତ୍ରୀମାନେ ନବାଗତଙ୍କୁ ଫୁଲ ଛିଞ୍ଚି କ୍ୟାମ୍ପସକୁ ସ୍ୱାଗତ କରୁଛନ୍ତି।

# ଭଲ ମଣିଷ ହେବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ନବାଗତ ଛାତ୍ରୀଛାତ୍ରମାନେ।

**ସାତମାଇଲ, ୨୨।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଯୁକ୍ତ ୨ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଛାତ୍ରୀଛାତ୍ରମାନେ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଧକ୍ଷ ରଣଜିତ ଅମାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରତାପ ବରାଳ, ନରେଶ ଚନ୍ଦ୍ର ମହାପାତ୍ର, ପ୍ରଦୀପ ମାଝି, ଦିବାକର ସାହୁ, ସମରବଲ୍ଲଭ ସାମନ୍ତରାୟ, ଅମୀୟ ଗଡ଼ନାୟକ, ସନ୍ତୋଷ ମହାନ୍ତି, ସତ୍ୟବ୍ରତ ପାଳ, କାର୍ତ୍ତିକେଶ୍ୱର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ କ୍ୟାମ୍ପସରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଭଲ ମଣିଷ ହେବାକୁ ନବାଗତଙ୍କୁ ପରାମର୍ଶ ଦିଆଯାଇଥିଲା। କ୍ରୀଡ଼ା ଶିକ୍ଷକ ବରୁଣ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଜ୍ୟ ପରିଚାଳନା ଆଲୋଚନା

**ଭୁବନ, ୨୨।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ପରିମଳ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ଅଧକ୍ଷତାରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରାଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ଆବର୍ଜନା ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଯନ୍ତ୍ରୀ ଆକାଶ ବେହେରା, ସହକାରୀ ଯନ୍ତ୍ରୀ ରଶ୍ମିରେଖା ମିଶ୍ର ଯୋଗଦେଇ ସହର ସଫେଇ, ଆବର୍ଜନା ପ୍ରକ୍ରିୟାକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ବ୍ୟବସ୍ଥିତ ଢଙ୍ଗରେ ଘରୁ ଆବର୍ଜନା ସଂଗ୍ରହ, ପ୍ଲାଷ୍ଟିକ୍ ପୃଥକୀକରଣ, ଜୈବିକ ଖତ ଉତ୍ପାଦନ, ଏହାର ବ୍ୟବହାର ବିଷୟରେ ଲୋକଙ୍କୁ ସଚେତନ କରାଇବା, ପରିବେଶ ସଫେଇ ସମ୍ପର୍କରେ ସହରବାସୀଙ୍କୁ ବୁଝାଇବା ଆଦି ବିଷୟରେ ଆଲୋଚନା କରାଯାଇଛି। ସ୍ୱଚ୍ଛସାଥୀମାନେ ଦାୟିତ୍ୱସମ୍ପନ୍ନ ହୋଇ ପରିମଳ ପରିଚାଳନାର ନେତୃତ୍ୱ ନେବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ସମସ୍ତ ୱାର୍ଡର କାଉନ୍‌ସିଲର, ସ୍ୱଚ୍ଛସାଥୀ ଉପସ୍ଥିତ ଥିଲେ।




ବୈଠକରେ ନଗରପାଳଙ୍କ ସମେତ ଅନ୍ୟମାନେ।

# ୧୦ରୁ ପଲ୍ଲିଶ୍ରୀ ମେଳା

**ଢେଙ୍କାନାଳ ଅଫିସ, ୨୨।୯**

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ଅକ୍ଟୋବର ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ମହିଷାପାଟ ପଡ଼ିଆରେ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଲୋକକଳା ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଗୁରୁବାର ଅପରାହ୍ଣରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏ ସଂକ୍ରାନ୍ତ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ଏହି ସୂଚନା ଦେଇଛନ୍ତି। ପଲ୍ଲିଶ୍ରୀ ମେଳାକୁ ଆକର୍ଷଣୀୟ କରିବା ଲାଗି ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଉଦ୍‌ଘାଟନୀରୁ ଉଦ୍‌ଯାପନୀ ଦିବସ ପର୍ଯ୍ୟନ୍ତ ଦୈନିକ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମେଳା ପରିସର ଖୋଲା ରହିବ। ରାଜ୍ୟର ବିଭିନ୍ନ ଜିଲାରୁ ହସ୍ତଶିଳ୍ପ, କୁଟୀର ଶିଳ୍ପ, ଡୋକ୍ରା କାରୁକାର୍ଯ୍ୟ ସମେତ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା ହେବ। ସୁସ୍ୱାଦୁ ଖାଦ୍ୟ, ଲାଇନ୍ ବିଭାଗ ଏବଂ ଜରୁରୀ ସେବା ସମ୍ପର୍କିତ ସ୍ୱତନ୍ତ୍ର ଷ୍ଟଲ୍ ରହିବ ବୋଲି ଓରମାସ ଡେପୁଟି ସିଇଓ ସୌରଭ ଦାସ ସୂଚନା ଦେଇଛନ୍ତି।



ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ।

ସେହିପରି ପଲ୍ଲିଶ୍ରୀ ମେଳାକୁ ଆକର୍ଷଣୀୟ କରିବା ପାଇଁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଦିନବେଳା ଲୋକକଳା ମହୋତ୍ସବ ଏବଂ ସନ୍ଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ମେଳା ପଡ଼ିଆରେ ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦୋଳି ପଡ଼ିବ। ଅନ୍ୟ ଖେଳର ବ୍ୟବସ୍ଥା ହେବ। ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ଲୋଗାନ୍ୟାଗୀ ଦିବ୍ୟା ଭି. କହିଛନ୍ତି। ଶୃଙ୍ଖଳାରକ୍ଷାରେ ଏନ୍‌ସିସି କ୍ୟାଡେଟ୍, ସ୍କାଉଟ୍ସ, ଗାଇଡ୍ସ ଛାତ୍ରୀଛାତ୍ରଙ୍କ ସହଯୋଗ ନିଆଯିବ। ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ରକ୍ଷା ଓ ପାର୍କିଂ ବ୍ୟବସ୍ଥା କରାଯିବ। ୨୪ଘଣ୍ଟିଆ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବା ସହ ଆମ୍ବୁଲାନ୍ସ ମୁତୟନ ରହିବ। ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସରବରାହ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥା ହେବ। ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ ସଦେଇବେରେଣୀ-ନବଜୀବନପୁରସ୍ଥିତ କଳାକୃତି ଗ୍ରାମରେ ଷ୍ଟଲ୍ କର୍ମଚାରୀମାନେ ରହିବେ। ସେମାନଙ୍କୁ ସେଠାରୁ ନେବା ଆଣିବା ଲାଗି ଯାତାୟାତ କରିବା ଲାଗି ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି।

- ୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ପ୍ରଦର୍ଶିତ ହେବ ସାମଗ୍ରୀ
- ମନମୋହିବ ଲୋକକଳା ଉତ୍ସବ, ସାଂସ୍କୃତିକ ସନ୍ଧ୍ୟା

ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ଯଦରୱାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ ଦତ୍ତ, ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ସନୋଜ କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ସୂଚନାଯୋଗ୍ୟ, ଲକ୍ଷ୍ମୀପୂଜା ଅବସରରେ ଓର୍‌ମାସ ସହାୟତାରେ ଜାତୀୟସ୍ତରୀୟ ସରସମେଳା ଅନୁଷ୍ଠିତ ହେଉଥିଲା। କରୋନା ପାଇଁ ଦୁଇବର୍ଷ ହେଲା ଏହି ମେଳା ବନ୍ଦ ଥିଲା। ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ମେଳା ପାଇଁ ଅନୁଦାନ ମିଳି ନ ଥିବା ବେଳ ଜିଲା ପ୍ରଶାସନ ସହାୟତାରେ ଏହାର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଭାଜପାର ସାଙ୍ଗଠନିକ ବୈଠକ

ମାଧପୁର,୨୨।୯: ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଧପୁର ନିକଟ ମାନଯୋର ସେଚ ପ୍ରକଳ୍ପ ବଙ୍ଗଳାଠାରେ ଗୁରୁବାର ଭାଜପା ମାଧପୁର ମଣ୍ଡଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅଲେଖ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ କୁମାର ସାହୁ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ସମସ୍ତ କର୍ମୀ ଏକଜୁଟ ହୋଇ ସଂଗଠନକୁ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନିର୍ବାଚନ ମଣ୍ଡଳର ସଂଯୋଜକ ଡାକ୍ତର ଅଲେଖ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଭବାନୀ ଜ୍ୟୋତିଷରାୟ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଣ୍ଡଳର ୬୧ ଜଣିଆ ନୂତନ କର୍ମକର୍ତ୍ତା ଚୟନ ସହ ମୋର୍ଚ୍ଚାର ସଭାପତି ଚୟନ ହୋଇଥିଲା । ମଣ୍ଡଳର ନୂତନ ସଭାପତି ଭାବେ ପୁରୁଣାମାଣ୍ଡ୍ରି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିଜୟ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ଏହାସହିତ ଉପ ସଭାପତି ଭାବେ ୬ ଜଣ, ସାଧାରଣ ସମ୍ପାଦକ ଭାବେ ୨ ଜଣ, ସମ୍ପାଦକ ଭାବେ ୬ ଜଣଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ଦସ୍ତଖତ ଜାଲ୍ କରି ଟଙ୍କା ଉଠାଣ ଅଭିଯୋଗ

ବଇଣ୍ଡା,୨୨।୯(ଡି.ଏନ.ଏ.): କିଶୋରନଗର ଥାନା ବାମୁର ଅଞ୍ଚଳର ମହେଶ୍ୱର ସାହୁଙ୍କ ଦସ୍ତଖତ ଜାଲ୍ କରି ଆଠମଲ୍ଲିକ ଥାନା ଅଏଡ଼ା ଗ୍ରାମର ମହେଶ ସାହୁ ଓ ଟାଙ୍ଗି ଅଞ୍ଚଳର ସହଯୋଗୀ ଚେକ୍ ଯୋଗେ ୨ ଲକ୍ଷ ଟଙ୍କା ବ୍ୟାଙ୍କରୁ ଉଠାଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ମହେଶ୍ୱର ଦର୍ଶାଇଛନ୍ତି, ସେ ବିଦ୍ୟୁତ୍ ବିଭାଗରୁ ଅବସର ନେବା ପରେ ବାମୁରସ୍ଥିତ ବାସଭବନରେ ରହୁଛନ୍ତି। ତାଙ୍କର ଏକ ଚେକ୍ ବହି ୨୦୧୬ ମସିହାରେ ଆସିଥିବାବେଳେ ତାହା ଅଏଡ଼ା ଗ୍ରାମର ମହେଶଙ୍କ ପାଖରେ ରହିଯାଇଛି। ଫଳରେ ତାଙ୍କ ଦସ୍ତଖତକୁ ଜାଲ କରି ମହେଶ ଓ ସହଯୋଗୀ ୨ ଲକ୍ଷ ଟଙ୍କା ଆକାଉଣ୍ଟରୁ ଉଠାଇ ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନମ୍ବର ୧୬୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।



ନାଲ୍କୋସ୍ଥିତ ଗ୍ରୀନ୍ ଆନନ୍ଦ ପ୍ଲାଷ୍ଟର ବିଶ୍ୱକର୍ମା ମେଢ଼।



ନାଲ୍କୋ ଠିକାଦାର ସଂଘ।



ନାଲ୍କୋ ସିଭିଲ୍ ମେଢ଼।

# ଶେଷ ସନ୍ଧ୍ୟାରେ ପ୍ରବଳ ଗହଳି

**ଆଜି ନାଲ୍କୋରେ ଭସାଣି ପର୍ବ**

ବଅଁରପାଳ, ୨୨।୯ (ଡି.ଏନ.ଏ.)

ଗତ ୧୭ ତାରିଖରୁ ନାଲ୍କୋନଗରରେ ଚାଲିଥିବା ବିଶ୍ୱକର୍ମା ପୂଜା ଉତ୍ସବର ଭସାଣି ପର୍ବ ଶୁକ୍ରବାର ଅନୁଷ୍ଠିତ ହେବ। ମୋଟ୍ ୧୮ ମଣ୍ଡପ ହୋଇଥିଲେ ବି ଭସାଣି ଶୋଭାଯାତ୍ରାରେ ୭ଟି ମେଢ଼ ମେଟେରିଆଲ, ରଡିଂଶପ୍-୨, କାଷ୍ଟହାଉସ-ଏ, କାଷ୍ଟ ହାଉସ-ବି, ପଟ୍‌ଲାଇନ, ରଡିଂଶପ-୧ ଓ ବ୍ୟାକ ଓଭେନେ ସାମିଲ ହେବେ ବୋଲି ସୂଚନା ମିଳିଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍କୋ ଡିଜିଏମ୍ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କେ.କେ. ବେହେରା ଓ ନାଲ୍କୋ ଥାନା ଅଧିକାରୀ ଦିଲୀପ ଲାକ୍ରା ଯୋଗ ଦେଇଥିଲେ। ଅପରାହ୍ନ ୨ଟାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ। ଗେଷ୍ଟହାଉସ ଠାରୁ ଶୋଭାଯାତ୍ର ବାହାରି ଗିରାଙ୍ଗ ପର୍ଯ୍ୟନ୍ତ ଯିବ। ଏହି ଶୋଭାଯାତ୍ରାରେ ବିଭିନ୍ନ ବାଦ୍ୟ, ମେଲୋଡି ଆଦି ସାମିଲ ରହିବ। ଅପରପକ୍ଷରେ ଗୁରୁବାର ଶେଷ ସନ୍ଧ୍ୟାରେ ପୂଜାମଣ୍ଡପ ନିକଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ, ଖଦିବସ୍ତ୍ର ପ୍ରଦର୍ଶନୀ, ମିନାବଜାର ଓ ଦୋଳି ନିକଟରେ ଗହଳି ଲାଗିଥିଲା।

# ୧୭ ପୂଜା କମିଟି ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ବଅଁରପାଳ, ୨୨।୯ (ଡି.ଏନ.ଏ.)

ନାଲ୍କୋ ବିଶ୍ୱକର୍ମା ପୂଜା ପଡିଆ ପରିସରରେ ବୁଧବାର ବଅଁରପାଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଉପେନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍କୋ ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ଉପ ମହାପ୍ରବନ୍ଧକ ରାଜାରାମ ମିଶ୍ର, ଅନ୍ୟତମ ଅତିଥି ଭାବେ ନାଲ୍କୋ ଲୋକ ସମ୍ପର୍କ ପ୍ରମୁଖ ସମୀର ମାଝି, ନାଲ୍କୋ ପ୍ରଶିକ୍ଷଣ କେନ୍ଦ୍ର ଉପ ମହାପ୍ରବନ୍ଧକ



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

ଶୁଭେନ୍ଦୁ କୁମାର ନାୟକ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଶ୍ରମିକ ନେତା ସୁଜିତ ସେଠ ମଞ୍ଚାସୀନ ଥିଲେ। ସଂଘ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ନାଲ୍କୋର ପ୍ରାକ୍ତନ କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନାଲ୍କୋରେ ହୋଇଥିବା ୧୭ଗୋଟି ପୂଜା ମଣ୍ଡପ କମିଟିର ସମ୍ପାଦକଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ନାଲ୍କୋ ସ୍ୱଚ୍ଛତା ଓ ପରିମଳ ବିଭାଗ କର୍ମଚାରୀ ଅକ୍ଷୟ କୁମାର ଭୂତିଆ, ବିଦ୍ୟୁତ୍ ବିଭାଗ ଏଜିଏମ ଶ୍ୟାମଘନ ବେହେରା, ପ୍ରାକ୍ତନ କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ଚୌଧୁରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋବିନ୍ଦ ଟୁଡୁ, ପ୍ରଫୁଲ୍ଲ ସିଂହ, ନିପୁ ଭୂତିଆ, ଜଗନ୍ନାଥ ବେହେରା, ଦିବ୍ୟ ରଞ୍ଜନ ସାମଲ, ସୁବାସ ସାହୁ , ସଞ୍ଜୀବ ମାଣ୍ଡୋଠିଆ, ଲୋକନାଥ ନନ୍ଦ ସହଯୋଗ କରିଥିଲେ। ସଭାପତି ଉପେନ୍ଦ୍ର ରାଉତ ମାନବ ସମ୍ବଳ ମହାପ୍ରବନ୍ଧକ ଓ ନାଲ୍କୋ କର୍ତ୍ତୃପକ୍ଷଙ୍କୁ ସର୍ବଦା ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

# ଉତ୍ତମ ଶିକ୍ଷାଦାନ ନିମନ୍ତେ ନୂତନ ବ୍ୟବସ୍ଥା

କଣିହାଁ,୨୨।୯(ଡି.ଏନ.ଏ.)

କଣିହାଁ ବ୍ଲକର ସର୍ବପୁରାତନ ପବିତ୍ରମୋହନ ହାଇସ୍କୁଲ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନାରେ ସାମିଲ ହୋଇଛି। ତେବେ ଏହି ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ କେତେଜଣ ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇ ଏକ ନୂଆ ବ୍ୟବସ୍ଥା 'ମୋ ବିଦ୍ୟାଳୟ ହେବ ମୋ ହୃଦୟ' ଆରମ୍ଭ କରିଛନ୍ତି। ଏ ନେଇ ବୁଧବାର ହାଇସ୍କୁଲ ଅଡିଟୋରିୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଦାଶରଥୀ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ର ସତ୍ୟରାମ ପ୍ରଧାନ ସରକାରୀ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ




କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଓ ପୁରାତନ ଛାତ୍ରମାନେ।

ମତବ୍ୟକ୍ତ କରିଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମନରେ ନବଜାଗରଣ ଓ ସ୍ନେହ ସମ୍ପନ୍ନ ମନୋବୃତ୍ତି ପାଇଁ ଏକ ପ୍ରତିକୃତି ସ୍ଥଳ ସହ ଅନାନ୍ୟ ବିକାଶ ଓ ସୁରକ୍ଷା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ବିଦ୍ୟାଳୟର କର୍ମଚାରୀ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା। ପ୍ରଧାନଶିକ୍ଷକଙ୍କ ସହିତ ସହକାରୀ ଶିକ୍ଷକ ସିଦ୍ଧିପ୍ରସାଦ ସାହୁ, ଦିଲୀପ କୁମାର ପ୍ରଧାନ, ପୁରାତନ ଛାତ୍ର ମହେଶ୍ୱର ନାଏକ, ଶାନ୍ତନୁ ସାହୁ, ଗୌରବ ସାହୁ, ଦିଲୀପ ନାଏକ ପ୍ରମୁଖଙ୍କୁ ମନୋନୀତ ସହ ଦାୟିତ୍ୱ ଅର୍ପଣ କରାଯାଇଥିଲା।

# ଅଳ୍ପ ବୟସରୁ ଗର୍ଭଧାରଣ କରିବା କ୍ଷତିକାରକ

ବଇଣ୍ଡା,୨୨।୯(ଡି.ଏନ.ଏ.)

କମ୍ ବୟସରେ ବିବାହ ଓ ଗର୍ଭ ଧାରଣ ଯୋଗୁ ଅନେକ ମହିଳା ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ୨୧ ବର୍ଷ ବୟସରେ ମହିଳାମାନେ ଗର୍ଭ ଧାରଣ କଲେ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ଗୁରୁବାର କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ରାଜୀବ ଭବନ ପରିସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏମ୍ବିକେ ସରୋଜିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଂଯୋଜିକା ରଶ୍ମିରେଖା ପ୍ରଧାନ, ବ୍ଲକ କୋଅର୍ଡିନେଟର ସାଗରକାନ୍ତ ରାଉତ, ଅମ୍ବୁଜାବାଳା ବେହେରା ଯୋଗ ଦେଇଥିଲେ। ଏଥିରେ ମହିଳାମାନଙ୍କ ପାଇଁ ସରକାରୀସ୍ତରରେ ହୋଇଥିବା ଯୋଜନାଗୁଡିକ ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା। ବ୍ଲକର ୧୮ଟି ପଞ୍ଚାୟତର ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦକମାନେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ସଭାନେତ୍ରୀ ଓ ସମ୍ପାଦକମାନେ।

# ପୌରାଧ୍ୟକ୍ଷଙ୍କ ହୋଟେଲ ଦେଲା ଜରିମାନା

- ବହୁମୁଖୀ ଶୃଙ୍ଖଳା ଟିମ୍‌ର ଘନ ଘନ ଯାଞ୍ଚ
- ଗୋଟିଏ ଦୋକାନ ସିଲ୍ ହେଲା

ଅନୁଗୋଳ ଅଫିସ, ୨୨।୯

ଅନୁଗୋଳ ଉପଖଣ୍ଡ ବହୁମୁଖୀ ଶୃଙ୍ଖଳା ଟିମ୍‌ର ୩ଟି ସ୍କ୍ୱାଡ୍ ଗୁରୁବାର ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଯାଞ୍ଚ କରିଛି। ଅନୁଗୋଳ ପୌରାଧ୍ୟକ୍ଷଙ୍କ ହୋଟେଲ, ଗ୍ୟାସ୍ ବିତରଣ କେନ୍ଦ୍ର, ମଦ ଦୋକାନ, ରେଷ୍ଟୁରାଣ୍ଟ, ମିଠା ଦୋକାନ ଆଦିରେ ଏହି ଯାଞ୍ଚ କରାଯାଇଥିଲା। ଟିମ୍ ଲିଡର ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା ଥିବାବେଳେ ଅନ୍ୟ ଏକ ଟିମ୍‌ର ଲିଡର ବଅଁରପାଳ ତହସିଲଦାର ରହିଥିଲେ।

ଅପରାହ୍ନରେ ଗୋଟିଏ ଟିମ୍ ଶିମିଳିପଡ଼ାରେ ଥିବା ଅନୁଗୋଳ ପୌରାଧ୍ୟକ୍ଷଙ୍କ ଦୋକାନରେ ପହଞ୍ଚି ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରିଥିଲା। ନିମ୍ନ ମାନର ଖାଦ୍ୟ ମିଳିବାରୁ ଟିମ୍ ୧୦ ହଜାର



ସହରର ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ଯାଞ୍ଚ ହେଉଛି।

ଟଙ୍କା ଜରିମାନା ଆଦାୟ କରିଥିଲା। ଏହାପରେ ଅମଲାପଡ଼ାରେ ଏକ ରେଷ୍ଟୁରାଣ୍ଟରୁ ମଧ୍ୟ ୧୦ ହଜାର ଜରିମାନା ଆଦାୟ କରାଯାଇଥିଲା। ପରେ ଏକ ହୋଟେଲର ଖାଦ୍ୟ ଲାଇସେନ୍ସ ନ ଥିବାରୁ ତାହାକୁ ସିଲ୍ କରାଯାଇଥିଲା। ଅନ୍ୟ ଗୋଟିଏ ଟିମ୍ ଏକ ଗ୍ୟାସ୍ ଏଜେନ୍ସିରେ ଚଢ଼ାଉ କରି ୬୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ଅପରାହ୍ନରେ ତୃତୀୟ ଟିମ୍ ଗାନ୍ଧୀ ମାର୍ଗରେ ଥିବା ଫାଷ୍ଟ ଫୁଡ୍ ଦୋକାନରେ ଚଢ଼ାଉ କରି ୧୦ ହଜାର ଟଙ୍କା ଜରିମନା ଆଦାୟ କରିଥିଲା। ଏହି ଟିମରେ ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା, ପୌର କାର୍ଯ୍ୟାଳୟ ଟ୍ୟାକ୍ସ ଦାରୋଗା ବିଭୂତି ମହାରଣା, ଯୋଗାଣ, ମାପ ଓ ଓଜନ ବିଭାଗ ଅଧିକାରୀ, ପୋଲିସ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟରମାନେ ଉପସ୍ଥିତ ଥିଲେ।

# ଶହୀଦ୍ ବିକା ନାଏକଙ୍କ ବଳିଦାନ ଦିବସ

କଣିହାଁ,୨୨।୯(ଡି.ଏନ.ଏ.)

ଓଡ଼ିଶା ଗଡ଼ଜାତ ଆନ୍ଦୋଳନର ପ୍ରଥମ ଶହୀଦ ବିପ୍ଳବୀ ବିକା ନାଏକଙ୍କ ବଳିଦାନ ଦିବସ କଣିହାଁ ବ୍ଲକ ବଡ଼ତ୍ରିବିଡା ପଞ୍ଚାୟତ ଚନ୍ଦ୍ରବିଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବରାଜ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ, ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖାର ସମ୍ପାଦକ ଧନେଶ୍ୱର ସାହୁ, ଗବେଷକ ବିଭୂତି ଭୂଷଣ ସାହୁ, ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନ, ବଡ଼ତ୍ରିବିଡା ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତି ସଭ୍ୟା ମିନାକ୍ଷୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ମୃତିରକ୍ଷା ପାଇଁ ଶହୀଦ ବିକା



ଶହୀଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ନାଏକ ସ୍ମୃତି କମିଟି ଗଠନ କରାଯିବାକୁ ଗବେଷକ ବିଭୂତି ଭୂଷଣ ସାହୁ ପ୍ରସ୍ତାବ ଆଗତ କରିଥିଲେ। ତତ୍‌ସହିତ ପ୍ରତିବର୍ଷ ଏକ ସ୍ମରଣିକା ପ୍ରକାଶ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ଉଚ୍ଚ ବିଦ୍ୟାଳୟ ପରିସରରେ ଶହୀଦ ବିକା ନାଏକଙ୍କ ଉଦ୍ଦେଶ୍ୟରେ ନିର୍ମିତ ଶହୀଦ ସ୍ତମ୍ଭ ନିକଟରେ ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସିପୁନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌଭାଗ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ବେହେରା, ହାତୀ ବେହେରା, ସୁଦର୍ଶନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା

ଅନୁଗୋଳ ଅଫିସ, ୨୨।୯

ଆସନ୍ତା ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ପୂର୍ବରୁ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଗୁରୁବାର ବନ୍ତଳା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜନସଂଖ୍ୟା ବିସ୍ଫୋରଣ ଏବଂ ବନ୍ୟପ୍ରାଣୀଙ୍କ ଉପରେ ଏହାର ପ୍ରଭାବ ଶୀର୍ଷକ ପ୍ରବନ୍ଧ ସହ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଦ୍ୟାଳୟର ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଆସନ୍ତା ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଏହି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରିତା ସାହୁ, ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନ ଏବଂ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସଫଳତାର ସହ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

# ଏକ୍ସପାଏରି କରି ପୋଡ଼ାଯାଉଛି ମେଡିସିନ

**ଗରିବଙ୍କୁ ମିଳୁ ନ ଥିବା ଜିଲାପାଳଙ୍କଠାରେ ଅଭିଯୋଗ**

ବଇଣ୍ଡା,୨୨।୯(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପେଡ଼ିପଥର ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପକ୍ଷରୁ ରୋଗୀଙ୍କୁ ସରକାରୀ ମେଡିସିନ ଠିକ୍ ଭାବେ ପ୍ରଦାନ କରାଯାଉନାହିଁ। ଫଳରେ ତାହା ପଡ଼ିରହି ଏକ୍ସପାଏରି ହୋଇଯାଉଛି। ଏହାପରେ ବୈଧ ତାରିଖ ଚାଲିଯାଇଥିବା ସେହିସବୁ ମେଡିସିନକୁ ପୋଡ଼ି ଦିଆଯାଇଛି। ଗୁରୁବାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପଛ ପାଖରେ ଏପରି ବହୁ ଏକ୍ସପାଏରି



ମେଡିସିନ ପୋଡାଯାଉଛି।

ମେଡିସିନ ପୋଡିଦିଆଯାଇଥିବା ପେଡିପଥର ସରପଞ୍ଚ ଭରତ ଚନ୍ଦ୍ର ସାହୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ପତ୍ରରେ ସରପଞ୍ଚ ଦର୍ଶାଇଛନ୍ତି, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଚିକିତ୍ସିତ ରୋଗୀଙ୍କୁ ବିନା ମୂଲ୍ୟରେ ଔଷଧ ଯୋଗାଇ ଦେବାକୁ ରାଜ୍ୟ ସରକାର ବିପୁଳ ପରିମାଣର ଔଷଧ ଯୋଗାଇ ଦେଉଛନ୍ତି। ହେଲେ ପେଡିପଥର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପକ୍ଷରୁ ରୋଗୀଙ୍କୁ ମେଡିସିନ ଠିକ୍ ଭାବେ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସୁଥିବା ମେଡିସିନର ବୈଧ ତାରିଖ ୫ ମାସ ଥିବାବେଳେ ଏଠାରେ ପଡ଼ିରହି ଏକ୍ସପାଏରି ହୋଇଯାଉଛି। ଏହାକୁ କର୍ମଚାରୀମାନେ ପୋଡିଦେଉଛନ୍ତି। ୨ ବର୍ଷ ଏକ୍ସପାଏରି ଥିବା ମେଡିସିନ ଯୋଗାଇ ଦେବା ପାଇଁ ପୂର୍ବରୁ ବହୁବାର ଜିଲା ସ୍ୱାସ୍ଥ୍ୟବିଭାଗକୁ ପଞ୍ଚାୟତ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏ ଦିଗରେ ପଦେକ୍ଷପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁନୀଲ ପଣ୍ଡା କହିଛନ୍ତି, ପେଡିପଥରରେ ମେଡିସିନ ପୋଡା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

